# ପୂର୍ବତନ ସମବାୟ ସମିତି ସମ୍ପାଦକଙ୍କ ପରଲୋକ

ବନ୍ତ,୯।୧୧(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ଗିଲୋ ଗ୍ରାମର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ(୬୨)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ପୂର୍ବାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ୩ ଝିଅ, ଜ୍ୱାଇଁ, ନାତିନାତୁଣୀଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ଗତ ୪୦ ବର୍ଷ ଧରି ଗିଲୋ ସେବା ସମବାୟ ସମିତିରେ ସମ୍ପାଦକ ଭାବେ କାର୍ଯ୍ୟ କରି ୨ବର୍ଷ ତଳେ ଅବସର ନେଇଥିଲେ। ଏଥିସହ ସେ ଚାଇଁପୁର, ପୁରୁଷଣ୍ଡ, ପଧାନପଡା, ଗଣିଜାଙ୍ଗ, ରାମକୃଷ୍ଣପୁର ଆଦି ସମବାୟ ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସାମାଜିକ କର୍ମୀ ଇଂ.ଲକି ମାଷ୍ଟର ସ୍ୱାଇଁ, ଗିଲୋ ସମିତିର ସଭାପତି ବିଜୟ କୁମାର ନାୟକ, ରମାକାନ୍ତ ପାଣିଗ୍ରାହୀ, ବିବିସିସି ବ୍ୟାଙ୍କର ବନ୍ତ ଶାଖା ଓ ବିଭିନ୍ନ ସମବାୟ ସମିତି କର୍ମଚାରୀ ଶେଷ ଦର୍ଶନ କରିଥିଲେ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ଚରମ୍ପା



ସ୍କୁଲରୋଡ୍ ମଣ୍ଡପ ମେଢ଼ ଭସାଣି ପାଇଁ ନିଆଯାଉଛି।



ଶୋଭାଯାତ୍ରାରେ ଅଘୋରି ନୃତ୍ୟ।

ଭଦ୍ରକ,୯।୧୧(ସନାତନ ରାଉତ)

## ବିଦାୟ ନେଲେ ମା' କାଳୀ

ଭଦ୍ରକ ଚରମ୍ପାରେ ଐତିହାସିକ କାଳୀପୂଜା ୯ଦିନ ଧରି ଚାଲିବା ପରେ ଶନିବାର ମା' ମେଲାଣି ନେଇଛନ୍ତି। ମା'ଙ୍କୁ ବିଦାୟ ଦେଇଛନ୍ତି ଚରମ୍ପାବାସୀ। ଶୁକ୍ରବାର ରାତିରେ ପାଟଣାସାହି ମେଢ଼ ଭସାଣି ହୋଇଥିବା ବେଳେ ଶନିବାର ସକାଳେ ଅନ୍ୟ ମେଢ଼ଗୁଡ଼ିକର ଭସାଣି ହୋଇଛି। ଭସାଣି ଶୋଭାଯାତ୍ରାରେ ଢୋଲ, ସଂକୀର୍ତ୍ତନ, ଅଘୋରି ନୃତ୍ୟ ଆଦି ପାରମ୍ପରିକ ବାଦ୍ୟ ନୃତ୍ୟରେ ଚରମ୍ପା ଅଞ୍ଚଳ କମ୍ପିଥିଲା। ସମୂହ ଶୋଭାଯାତ୍ରାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନେଇ ଡଗରାସାହି ନିକଟସ୍ଥ କେନାଲରେ ବିସର୍ଜନ କରାଯାଇଛି।

ଚରମ୍ପା ବଜାରର ସ୍କୁଲରୋଡ୍, ବିଶାଣିଖରିଦାର ବାସନ୍ତୀ କାଳୀମଣ୍ଡପ, ପିଡବ୍ଲ୍ୟୁ, ଡଗରାସାହି, ଟ୍ରାଫିକ ରେଲୱେ ମେଢ଼ ଏକାସାଙ୍ଗରେ ଶୋଭାଯାତ୍ରାରେ ବାହାରିଥିଲା। ବିଭିନ୍ନ ବାଦ୍ୟ ଓ ପାରମ୍ପରିକ ନୃତ୍ୟରେ ଚରମ୍ପା ବଜାର ପ୍ରକମ୍ପିତ ହୋଇଥିବା ବେଳେ ଭସାଣି ଉତ୍ସବ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଶୋଭାଯାତ୍ରାରେ ନିୟୋଜିତ ଥିଲେ।

# ପୂଜା ମଣ୍ଡପ ବୁଲିଲେ ରାଜନେତା

ବାସୁଦେବପୁର,୯।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଐତିହାସିକ କାଳୀପୂଜାର ୪ ମଣ୍ଡପରେ ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଜମୁଛି। ଶନିବାର ସନ୍ଧ୍ୟାରେ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ପୌରାଧ୍ୟକ୍ଷା ନିବେଦିତା ବେହେରା ପୂଜା ମଣ୍ଡପ ବୁଲିଛନ୍ତି। ଟାଉନ ହଲ୍‌ରୁ ଗହଳି ମଧ୍ୟରେ ଚାଲି ଚାଲି ଆମ କାଳୀ, ବ୍ଲକରୋଡ୍ କାଳୀ, ହାଇସ୍କୁଲ ଛକ କାଳୀ ଓ ତାରିଣୀ ଛକଠାରେ ମା' ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କରିଥିଲେ। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ଇରମର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତସ୍ତରୀୟ ନେତୃମଣ୍ଡଳୀ, ପୌରପାଳିକାର ବିଭିନ୍ନ ୱାର୍ଡର କାଉନସିଲର, ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ୍, ମାନସ ରଞ୍ଜନ ସାହୁ, ଚିନ୍ମୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟିଗୁଡ଼ିକ ପକ୍ଷରୁ ସମସ୍ତଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ସ୍ୱାଗତ କରାଯାଇଥିଲା।



ପୂର୍ବତନ ବିଧାୟକ ଓ ଅନ୍ୟମାନେ ଦକ୍ଷିଣେଶ୍ୱରୀ କାଳୀ ପୂଜା ମଣ୍ଡପରେ ମା'ଙ୍କୁ ଦର୍ଶନ କରୁଛନ୍ତି।

# ରାସ୍ତାରୁ ଯୁବକଙ୍କ ମୃତଦେହ ଜବତ

ବାସୁଦେବପୁର,୯।୧୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ଧାମରା ସହର ନିକଟବର୍ତ୍ତୀ କାରନାଳି ଛକ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା। ଶନିବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ଯୁବକଙ୍କ ମୃତଦେହ ଆଣି ବାସୁଦେବପୁର ଡାକ୍ତରଖାନାରେ ପହଞ୍ଚାଇବା ପରେ ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରିଛି। ଏହା ଏକ ଦୁର୍ଘଟଣା କି ହତ୍ୟାକାଣ୍ଡ ତାହା ସ୍ପଷ୍ଟ ହୋଇନାହିଁ। ମୃତକ ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ଗ୍ରାମର ରତିକାନ୍ତ ମଲିକ(୩୫) ବୋଲି ଜଣାପଡ଼ିଛି। ତାଙ୍କ ଦେହ, ହାତ, ମୁଣ୍ଡରେ କ୍ଷତଚିହ୍ନ ରହିଛି।

# ଉର୍ସ ଉତ୍ସବ: ରାଜ୍ୟ ବାହାର ଶ୍ରଦ୍ଧାଳୁଙ୍କ ସମାଗମ



ଧାମନଗର ଖାନକାସରିଫ ପରିସରରେ ଶ୍ରଦ୍ଧାଳୁମାନେ।

ଧାମନଗର, ୯।୧୧ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ଖାନକାସରିଫ ପରିସରରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପାଳିତ ହୋଇଛି ଉର୍ସ ଉତ୍ସବ। ହଜରତ ମୁଜାହିଦ -ଏ-ମିଲତ ଆଲହାଜ ଶାହା ମହମ୍ମଦ ହବିବୁର ରହେମାନଙ୍କ ୪୫ତମ ଉର୍ସ ଉତ୍ସବ ପାଇଁ ଏଠାରେ କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଲକ୍ଷାଧିକ ଯାତ୍ରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଉର୍ସ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନଙ୍କୁ ମୁତୟନ କରାଯାଇଛି। ଯାତ୍ରୀମାନଙ୍କ ରହଣି ପାଇଁ କମିଟି ତରଫରୁ ବିଭିନ୍ନ ସାହିବସ୍ତିରେ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ରହଣି ବ୍ୟବସ୍ଥା କରିଛି। ଉତ୍ସବରେ ବିଭିନ୍ନ ଦୋକି ସାଙ୍ଗକୁ ବାହାର ରାଜ୍ୟର ମିଠା ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ରାଜନେତାମାନେ ଆସି ପୀରବାବାଙ୍କ ଆଶୀର୍ବାଦ ନେଇଛନ୍ତି।

ଏହି ଉତ୍ସବରେ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ପସରା ଖୋଲିଛନ୍ତି। ମହାରାଷ୍ଟ୍ର ନାଗପୁରର ହାଜିର ହେମତୁଲା ୩୫ବର୍ଷ ହେଲା ତାଙ୍କ ହୋଟେଲ ଖୋଲି ଆସୁଛନ୍ତି। ଦୀର୍ଘବର୍ଷ ହେଲା ବିନା ପାରିଶ୍ରମିକରେ ବହୁ ଶ୍ରଦ୍ଧାଳୁ ଟେଣ୍ଟ କରି ଆସୁଛନ୍ତି। ଟିକିଆପଡା ହାଓଡା ଅଞ୍ଚଳର ଶ୍ରଦ୍ଧାଳୁ ଦୀର୍ଘବର୍ଷ ହେଲା ଉର୍ସ ଉତ୍ସବକୁ ମାଇକ୍ ଯୋଗାଇ ଆସୁଛନ୍ତି। ଏମାନେ ବିନା ପାରିଶ୍ରମିକରେ କାର୍ଯ୍ୟ କରିଥାନ୍ତି। ବହୁ ଶ୍ରଦ୍ଧାଳୁ ମୁମ୍ବାଇ, ଜାମସେଦପୁର, ଉତ୍ତରପ୍ରଦେଶ, ଆଲ୍ଲାହାବାଦ, ବିହାର, କୋଲକାତା ଆଦି ଅଞ୍ଚଳରୁ ଆସି ଦାନ ଧର୍ମ କରିବା ସହ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। କୋଲକାତା ମାଟିଆବୁଜ ଅଞ୍ଚଳରୁ ଆଲହାଜ ଅବଦୁଲ ରଜାକ ପ୍ରତ୍ୟେକ ବର୍ଷ ଧାମନଗର ଆସି ଉର୍ସ ଉତ୍ସବରେ ସ୍ୱଇଚ୍ଛାରେ ବାବାଙ୍କ କାମ କରୁଛନ୍ତି।

# ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତା ପାଇଁ ଭଦ୍ରକ ଦଳ ଘୋଷିତ

ଭଦ୍ରକ,୯।୧୧(ସନାତନ ରାଉତ)

କଟକର ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ରାଜ୍ୟସ୍ତରୀୟ (୧୭ ବର୍ଷରୁ କମ୍) ବାସ୍କେଟବଲ୍ ପ୍ରତିଯୋଗିତା ପାଇଁ ଭଦ୍ରକ ଜିଲାସ୍ତରୀୟ ଦଳ ଘୋଷଣା କରାଯାଇଛି। ବାଳିକା ଦଳରେ ୧୨ ଓ ବାଳକ ଦଳରେ ୧୨ଜଣ ବାସ୍କେଟବଲ୍ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ଧୀରେନ ପଲାଇ, ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ, ସହ କୋଚ୍ ମନୋଜ ମହାନ୍ତି, ମ୍ୟାନେଜର ଭାବେ ପୁଷ୍ପାଞ୍ଜଳି ପ୍ରଧାନଙ୍କ ସହ ବରିଷ୍ଠ ଖେଳାଳିମାନେ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



କୋଚ୍‌ଙ୍କ ସହ ଖେଳାଳିମାନେ।

# ନିଜ ବୁଥ୍‌ରେ ସଦସ୍ୟ ସଂଗ୍ରହ କଲେ ଭାଜପା ରାଜ୍ୟ ସଭାପତି

ଭଣ୍ଡାରିପୋଖରୀ,୯।୧୧(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ୧୪୨ ନଂ. ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ମତଦାନ କେନ୍ଦ୍ରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳର ସଦସ୍ୟ ସଂଗ୍ରହ କରିଛନ୍ତି। ଦଳର ପ୍ରତ୍ୟେକ କର୍ମକର୍ତ୍ତା ନିଜ ନିଜ ବୁଥ୍‌ରେ ସଦସ୍ୟ ସଂଗ୍ରହ କରିବା ବିଧି ପାଳନ କରି ରାଜ୍ୟ ସଭାପତି ଶନିବାର ନିଜ ବୁଥ୍‌ରେ ସଦସ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ। ଏହି ବୁଥ୍ ଅନ୍ତର୍ଗତ ମୀରହସନପୁର ଗ୍ରାମର ଭୋଟର ତାଲିକା କ୍ରମାଙ୍କ ୬୬୫ ନମ୍ବରରେ ସେ ଭୋଟର ଭାବେ ତାଲିକାଭୁକ୍ତ ହୋଇଛନ୍ତି। ଏହି ଗ୍ରାମରେ ସାମଲଙ୍କ ପୈତୃକ ବାସଭବନ ମଧ୍ୟ ରହିଛି। ଦଳର ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଗିରିଶ ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି ଅଭିଯାନରେ ମୀରହସନପୁର ବ୍ୟତୀତ ଆଦମପୁର ଓ ଗୋପାଳପୁର ଗ୍ରାମରେ ସଦସ୍ୟ ସଂଗ୍ରହ କରିଛନ୍ତି। ଦଳର ବିଧାନସଭା ନିର୍ବାଚନମଣ୍ଡଳୀ ନେତା ଡ. ସୁଧାଂଶୁ ଶେଖର ନାୟକ, ଜିଲା ଉପସଭାପତି ଜଗବନ୍ଧୁ ଦାସ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଖିଲାର, ବାବାଜୀ ଜେନା, ନିର୍ମଳ କର, ରାମଚନ୍ଦ୍ର ସେନାପତି, ପୂର୍ବତନ ସମିତି ସଭ୍ୟ ସୁରେଶ ସାମଲ, ସୁବର୍ଣ୍ଣମୁଖୀ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ସଦସ୍ୟତା ସଂଗ୍ରହ ଅଭିଯାନରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ କର୍ମକର୍ତ୍ତା।

# ଅନିୟମିତତା ନେଇ ହେବ କାର୍ଯ୍ୟାନୁଷ୍ଠାନ

ଭଣ୍ଡାରିପୋଖରୀ,୯।୧୧
(ରାଜେନ୍ଦ୍ର ଶତପଥୀ)

## ବିଇଓଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଇଓ (ବ୍ଲକ ଶିକ୍ଷା ଅଧିକାରୀ) ଅଧିର କୁମାର ତରାଇ ଶନିବାର ୧୨ଟି ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ବହୁ ଅନିୟମିତତା ସମ୍ପର୍କରେ ବିଇଓ ଅବଗତ ହୋଇଛନ୍ତି। ଶନିବାର ସକାଳୁଆ ସ୍କୁଲ ହୋଇଥିବା ବେଳେ ଦକ୍ଷିଣବାଡ଼ ପଞ୍ଚାୟତ କହରାପୋଖରୀ ଶାସନ ପ୍ରାଥମିକ ବିଦ୍ୟାଳୟରେ ୭ଟା ବେଳେ ତାଲା ପଡ଼ିଥିଲା। ପିଲାମାନେ ବିଦ୍ୟାଳୟ ବାହାରେ ବୁଲୁଥିବା ବିଇଓ ଦେଖିଥିଲେ। ସେହିପରି କଣ୍ଟି ଉ.ପ୍ରା. ବିଦ୍ୟାଳୟର କେତେଜଣ ଶିକ୍ଷକ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଚତୁର୍ଭୁଜପୁର ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ବିବାଦରୁ ମଧ୍ୟାହ୍ନ ଭୋଜନ କୁପରିଚାଳନା ଦୃଷ୍ଟିଗୋଚର ହୋଇଥିଲା। ଉଣା ଅଧିକ ପ୍ରାୟ ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ର ଉପସ୍ଥାନ ଯଥେଷ୍ଟ କମ୍ ରହିଥିଲା। ଅନିୟମିତତା ନଜରକୁ ଆସିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମ୍ପୃକ୍ତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।

# ଭାଜପାରେ ସାମିଲ ହେଲେ ୪୦ ପରିବାର

ତିହିଡ଼ି, ୯।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ଅଧୀନ ସନ୍ଥପୁରା ଗ୍ରାମରେ ଶନିବାର ଭାଜପାର ମିଶ୍ରଣ ପର୍ବଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ୪୦ ପରିବାର ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଗ୍ରାମର ଏସ୍.କେ. ଇଲିଆସ, ସୟଦ କାଲା, ସୟଦ ଆଲ୍ଲାଉଦ୍ଦିନ, ମୌସୁମ ଖାଁ, ସୟଦ ସବାବ, ସୟଦ ହବିବ, ସୟଦ ରୁସ୍ତମ, ସୟଦ ଇସଲାମ, ଏସ୍.କେ. କାଜଲ, ଏସ୍.କେ. ରହେମନ ପ୍ରମୁଖଙ୍କ ପରିବାର ଭାଜପାରେ ମିଶିଛନ୍ତି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ଭାଜପା ନେତା ସୀତାକାନ୍ତ ନାୟକ, ସରୋଜ ନାୟକ, ଫତେପୁର ସରପଞ୍ଚ ପ୍ରଦୀପ ବଳ, କେଶବ ବେହେରା, ନାରାୟଣ ପୃଷ୍ଟି, ବୁଦ୍ଧିରାମ ସେଠୀ, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ଶବର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କର୍ମୀମାନଙ୍କ ସହ ଭାଜପା ନେତା।

# 'ନିରଳସ ସାଧିକା ଥିଲେ ପାର୍ବତୀ'

ଭଦ୍ରକ,୯।୧୧
(ସନାତନ ରାଉତ/ରବିନାରାୟଣ ଖିଲାର)

ଦିବଂଗତ ସାହିତ୍ୟିକା, ଶିକ୍ଷୟିତ୍ରୀ ଭଦ୍ରକ ଜଗନ୍ନାଥପୁରର ପାର୍ବତୀ ବିଶ୍ୱାଳ ଶିକ୍ଷା ଓ ସାହିତ୍ୟ ଜଗତର ଜଣେ ନିରଳସ ସାଧିକା ଥିଲେ ବୋଲି ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପ୍ରଭାତ ଜେନା, ମୋହନ ଚରଣ ଖିଲାର, କବି ବିଜୟ ବହଳୀ, କବି ରତିକାନ୍ତ ବେହେରା, ପ୍ରୀତିରଞ୍ଜନ ଜେନା ପ୍ରମୁଖଙ୍କ ପରିଚାଳନା ଏବଂ ବରିଷ୍ଠ ସାହିତ୍ୟିକା ପ୍ରଭାତ ନଳିନୀ ମହାପାତ୍ରଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ତ୍ୟାଗଭୂମି ସମ୍ପାଦକ ଅଜୟ ନାୟକ, ମୁଖ୍ୟବକ୍ତା ଶିବ ଚରଣ ଖମୁରାଇ, ଅନ୍ୟତମ ଅତିଥି ଡ.କୃପାସିନ୍ଧୁ ନାୟକ, ଶାନ୍ତନୁ କୁମାର ରାଉତ ଏବଂ ଅନ୍ୟତମ ବକ୍ତା ଭାବେ ନିରଞ୍ଜନ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସାହିତ୍ୟ କୃତି ଉପରେ କହିଥିଲେ। ସ୍ମୃତି ସଂସଦର ଆବାହକ ଅତିସ ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ କବୟିତ୍ରୀ ସରୋଜିନୀ ନାୟକ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପିକା ଉଷାରାଣୀ ଜେନା ଅତିଥି ପରିଚୟ ଓ ଅଧ୍ୟାପିକା ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ କବୟିତ୍ରୀ ଗୀତାରାଣୀ ଆଇଚଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟଶ୍ରୀ ନିର୍ମଳ ରାଉତ, ଅନ୍ୟତମ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ବାରିକ ଓ କବି ଗୋକୁଳାନନ୍ଦ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଶଙ୍କର୍ଷଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରମା ରାୟ ମାନପତ୍ର ପାଠ କରିଥିବା ବେଳେ ଆଇନଜୀବୀ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।



ସାହିତ୍ୟିକା ପାର୍ବତୀ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀରେ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ସ୍ୱାସ୍ଥ୍ୟ ବିଭାଗରୁ ଆରମ୍ଭ ହେଉ ତମାଖୁମୁକ୍ତ ଅଭିଯାନ'

ଭଦ୍ରକ,୯।୧୧(ସନାତନ ରାଉତ)

ଭଦ୍ରକ ଜିଲାକୁ ତମାଖୁମୁକ୍ତ କରିବା ପାଇଁ ପ୍ରଥମେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପାଦିତ କରୁଥିବା ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନିକ କାର୍ଯ୍ୟାଳୟକୁ ତମାଖୁମୁକ୍ତ ଅନୁଷ୍ଠାନ ରୂପେ ଘୋଷଣା ପାଇଁ ପଦକ୍ଷେପ ଆରମ୍ଭ କରିବାକୁ ଜିଲାପାଳ ଦିଲୀପ ରାଉତରାଏ ପରାମର୍ଶ ଦେଇଛନ୍ତି। ଯୁବ ସମାଜ ପାଇଁ ତମାଖୁମୁକ୍ତ ଅଭିଯାନ ୨.୦ର ଶୁଭାରମ୍ଭ କରିବାକୁ ଯାଇ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଜିଲାପାଳ ତମାଖୁ ନିୟନ୍ତ୍ରଣରେ ଫଳପ୍ରଦ ଯୋଜନା ପ୍ରସ୍ତୁତି ଲାଗି ନିର୍ଦ୍ଦେଶ ଦେଇଥିଲେ। ନବନିର୍ମିତ କୋଠାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପରେ ଉକ୍ତ ପରିବେଶକୁ ସମ୍ପୂର୍ଣ୍ଣ ତମାଖୁମୁକ୍ତ ଅଞ୍ଚଳ ପାଇଁ ଏବେଠାରୁ ସଚେତନତା ଓ କାର୍ଯ୍ୟକାରିତା ନେଇ ପଦକ୍ଷେପ ଆରମ୍ଭ କରିବାକୁ ଜିଲାପାଳ କହିଛନ୍ତି।

କୌଣସି ରୋଗୀ, ରୋଗୀଙ୍କ ସହାୟକ, କର୍ମଚାରୀ କେହି ବି ସାଙ୍ଗରେ ତମାଖୁ ଜାତୀୟ ଦ୍ରବ୍ୟ ସହ ଡାକ୍ତରଖାନାକୁ ପ୍ରବେଶ ନ କରିବା ନେଇ ନିଶ୍ଚିତ କରାଯିବ। ମୁଖ୍ୟ ଡାକ୍ତରଖାନା ପରିସର କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ତମାଖୁ ବିକ୍ରି ନିଷେଧ କରାଯିବ। ସେହିପରି ଜିଲା କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ତମାଖୁମୁକ୍ତ ଅଞ୍ଚଳ ଘୋଷଣା ପାଇଁ ଯୋଜନା କରାଯିବ। ଏଥିପାଇଁ ବିରୋଧାଭାଷ ସୃଷ୍ଟି ହେବା ସମ୍ଭାବନା ଥିଲେ ବି ସଚେତନତା ବଳରେ ସେ ଅଭିଯାନ ଦିନେ ସଫଳ ହେବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପୃଥିବୀର ବାର୍ଷିକ ସମସ୍ତ ମୃତ୍ୟୁରେ ପ୍ରାୟ ୬୩ ପ୍ରତିଶତ ଅଣସଂକ୍ରାମକ ରୋଗଜନିତ ମୃତ୍ୟୁ ବୋଲି ଆକଳନ କରାଯାଇଛି। କର୍କଟ, ହୃଦ୍‌ରୋଗ, ଶ୍ୱାସଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ ଭଳି ଅଧିକାଂଶ ଅଣସଂକ୍ରାମକ ରୋଗର ପ୍ରମୁଖ କାରଣ ହେଉଛି ତମାଖୁ ସେବନ। ଶିକ୍ଷାନୁଷ୍ଠାନର ୧୦୦ ଗଜ ଭିତରେ ତମାଖୁ ବିକ୍ରି ନ କରିବା ନିୟମ ଲାଗୁର ନିଶ୍ଚିତତା ପାଇଁ ତମାଖୁମୁକ୍ତ ବିଦ୍ୟାଳୟ ଚିହ୍ନଟ ନେଇ ତାଲିକା ପ୍ରସ୍ତୁତି କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଡିପିଏମ୍ ସରିତା ମହାପାତ୍ର, ଡା. ଭାରତୀ ରାଉତ, ଡା. ଜୟନ୍ତ ପଣ୍ଡା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଡାକ୍ତର, ଡିଏସ୍‌ପି ଡିଆଇବି ପ୍ରଭାତ ବିଶ୍ୱାଳ, ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏ ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା 'ସଲାମ୍ ଜୀବନ' ଅନୁଷ୍ଠାନର ଡ. ଇମ୍ରାନ୍ ଅଲ୍ଲୀ, ରେଡିଓ ବୁଲ୍‌ବୁଲ୍‌ର ସେକ୍ ନିୟାଜ, ଜିଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ପ୍ରମୁଖ ମତାମତ ପ୍ରକାଶ କରିଥିଲେ।



ଅଧିକାରୀମାନେ ସଚେତନତା ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ରାଧାପାଦ ଦର୍ଶନ କଲେ ଭକ୍ତ



ବାଲିଆପାଳ,୯।୧୧(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ ଅନ୍ତର୍ଗତ କଦୁଆପଡ଼ା ରାଧା ମଦନ ମୋହନ ମନ୍ଦିରକୁ ବହୁ ଦୂର ଦୂରାନ୍ତରୁ ଭକ୍ତମାନେ ଆସି ଶନିବାର ଅଁଳା ନବମୀରେ ରାଧା ରାଣୀଙ୍କର ପାଦ ଦର୍ଶନ କରିଛନ୍ତି। ଏହି ଦିନ ଶ୍ରୀରାଧା ରାଣୀଙ୍କର ପାଦ ଦର୍ଶନ କଲେ ଯମ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହିତ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ମନ୍ଦିରରେ ସକାଳ ଆଳତୀ ଓ ଦର୍ଶନ ଆଳତୀ ପରେ ମଧ୍ୟାହ୍ନ ପର୍ଯ୍ୟନ୍ତ ରାଧାରାଣୀଙ୍କର ପାଦ ଦର୍ଶନ ପାଇଁ ଭିଡ଼ ଲାଗିଥିଲା। ମନ୍ଦିରର ପ୍ରତିଷ୍ଠାତା ଡ. ହରେକୃଷ୍ଣ ଦାସଙ୍କ ସମେତ କମିଟି କର୍ମକର୍ତ୍ତା ଓ ପୂଜକ ଉପସ୍ଥିତ ଥିଲେ।

### କାର୍ ଦୁର୍ଘଟଣାରେ ୫ ଆହତ

ବାହାନଗା,୯।୧୧(ଅରୂପ କୁମାର ଦାସ)- ବାହାନଗା ବ୍ଲକ ଗୋପାଳପୁର ବଜାରରେ ଶନିବାର ଏକ କାର୍ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦୋକାନୀଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନେ ହେଲେ ପଣ୍ଡାଶୁଣି ଗ୍ରାମର ଗୁରୁପ୍ରସାଦ ଦାଶ, ଶ୍ରୀଧର ରାଉତ, ଶ୍ରୀଜଙ୍ଗ ପଞ୍ଚାୟତ ମହାମଦାବାଦ ଗ୍ରାମର ଧରଣୀଧର ସାହୁ, କଲ୍ୟାଣୀ ପଞ୍ଚାୟତ ଆରଳା ଗ୍ରାମର ସନାତନ ଜେନା। ସମସ୍ତେ ଚିକିତ୍ସା ପାଇଁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଦୋକାନୀ ସାହସପୁରା ଗ୍ରାମର ବିକର୍ତ୍ତନ ଜେନାଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ବାଲେଶ୍ୱରରୁ ଆରୁହାବାଡ଼ ଅଞ୍ଚଳକୁ କାର୍‌ଟି ଯାଉଥିବା ବେଳେ ଗୋପାଳପୁର ବଜାରଠାରେ ଡ୍ରାଇଭର ଭାରସାମ୍ୟ ହରାଇ ଫୁଟପାଥ୍ ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଦୋକାନୀଙ୍କ ସମେତ ୫ ଜଣଙ୍କ ଉପରେ କାର୍ ମାଡ଼ି ଯାଇଥିଲା। ଦୁର୍ଘଟଣା ପରେ କାର୍ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଗୋପାଳପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ଆକ୍ରମଣ

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁରୁଡ଼ା ନିକଟରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଶୁକ୍ରବାର ରାତିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଅଭିଯୋଗକାରିଣୀ ଦିବ୍ୟାଙ୍ଗ ଯୁବତୀ ଚମ୍ପାବତୀ ପଣ୍ଡା ମାର୍କେଟିଂ କରିବା ପାଇଁ କୁରୁଡ଼ା ବଜାରକୁ ଯାଇଥିଲେ। ଘରକୁ ଫେରିବା ରାସ୍ତାରେ ଜମିଜମା ବିବାଦକୁ କେନ୍ଦ୍ର କରି ଦୁଇଜଣ ଯୁବକ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚମ୍ପାବତୀଙ୍କୁ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

# ବିଜେଡି କାଉନ୍‌ସିଲରଙ୍କ ଘରୁ ଶିଶୁପୁତ୍ର ଉଦ୍ଧାର

ରେମୁଣା,୯।୧୧(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ଏନ୍‌ଏସିର ବିଜେଡି କାଉନ୍‌ସିଲର ପାନମଣି ମୁର୍ମୁଙ୍କ ଘରେ ବେଆଇନ ଭାବେ ରଖାଯାଇଥିବା ୪ ମାସର ଜଣେ ଶିଶୁପୁତ୍ର ଉଦ୍ଧାର ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଚାଇଲ୍ଡ ୱେଲଫେୟାର କମିଟି(ସିଡବ୍ଲ୍ୟୁସି) ଅଧିକାରୀ ଓ ପୋଲିସ ଶନିବାର ଚଢ଼ାଉକରି ଶିଶୁପୁତ୍ରକୁ ହେପାଜତକୁ ନେଇଛନ୍ତି।

ସୂଚନା ଅନୁଯାୟୀ, ରେମୁଣା ଏନ୍‌ଏସି ଅଧୀନ ୧୧ନଂ. ୱାର୍ଡର କାଉନସିଲର ପାନମଣି ଓ ତାଙ୍କ ବିବାହିତା ଝିଅ ତୁଳସୀ କେଉଁଠୁ ଏକ ଶିଶୁ ପୁତ୍ର ଆଣି ଘରେ ରଖିଥିଲେ। ଏହି ଶିଶୁପୁତ୍ରକୁ ଜଗିବା ପାଇଁ ୧୦ ବର୍ଷର ଅନ୍ୟ ଜଣେ ବାଳିକା ମଧ୍ୟ ରଖିଥିବା ବାଲେଶ୍ୱର ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଥିଲା। ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସିଡବ୍ଲ୍ୟୁସି ଅଧିକାରୀ ଓ ରେମୁଣା ଥାନା ଅଧିକାରୀ ପାନମଣିଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଝିଅ ତୁଳସୀ ପାଖରେ ଶିଶୁପୁତ୍ର ଥିବା ସେମାନେ ଦେଖିବାକୁ ପାଇଥିଲେ। ପିଲା କାହାର ଓ କେଉଁଠୁ ଆଣିଲ ବୋଲି ସିଡବ୍ଲ୍ୟୁସି ଅଧିକାରୀ



ଉଦ୍ଧାର ହୋଇଥିବା ଶିଶୁପୁତ୍ର।

ଓ ପୋଲିସ ପଚାରିବାରୁ ଶିଶୁପୁତ୍ରକୁ ପୋଷ୍ୟ ସନ୍ତାନକରି ରଖିଛୁ ବୋଲି ତୁଳସୀ କହିଥିଲେ। ତେବେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବଶ୍ୟକ ହେଉଥିବା କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ପରେ ସିଡବ୍ଲ୍ୟୁସି ଅଧିକାରୀ ଶିଶୁପୁତ୍ରକୁ ସାଙ୍ଗରେ ନେଇ ଯାଇଥିଲେ। ଅନ୍ୟପକ୍ଷରେ ଚଢ଼ାଉ ସମୟରେ ପାନମଣି ଘରେ ନ ଥିବାରୁ ସେ ୧୦ ବର୍ଷର ବାଳିକାଙ୍କୁ ନେଇ ପଳାଇଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାଉନସିଲର ପାନମଣିଙ୍କ ମତାମତ ମିଳିପାରିନାହିଁ।

# ଆଇନ ସଚେତନତା ଶିବିର

ପଞ୍ଚଲିଙ୍ଗେଶ୍ୱର,୯।୧୧(ଲେଲିନ ଦେ)

ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ପଞ୍ଚଲିଙ୍ଗେଶ୍ୱର ହାଇସ୍କୁଲ ସଭା ଗୃହରେ ଉପଖଣ୍ଡସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳଗିରି ସବ୍‌ଡିଭିଜନାଲ ବାର ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ କିଶୋର କୁମାର ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଏବଂ ନୀଳଗିରି ତାଲୁକା ଲିଗାଲ ସର୍ଭିସ କମିଟି ଚେୟାରମ୍ୟାନ ସୁନନ୍ଦା ପ୍ରଧାନ, ନୀଳଗିରି ଏସ୍‌ଡିଜେଏମ୍ ମୋନାଲିସା ପଣ୍ଡା, ନୀଳଗିରି ସବ୍‌ଡିଭିଜନାଲ ବାର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଆଇନଜୀବୀ ସୋମନାଥ ନାୟକ, ରିମାଣ୍ଡ ଆଡଭୋକେଟ କମ୍ ରିଟୋନର ଜୟନ୍ତ ସ, ଆଇନଜୀବୀ ବିଘ୍ନେଶ୍ୱର ବାରିକଙ୍କ ସମେତ ସ୍କୁଲର ବିଜ୍ଞାନ ଶିକ୍ଷକ ରଞ୍ଜିତ ପରିଡ଼ା ମଞ୍ଚାସୀନ ରହି ଶତାଧିକ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଆଇନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅଦାଲତ କର୍ମଚାରୀମାନେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥିମାନେ।

# କାଳୀପୂଜା ଭସାଣିର ଆକର୍ଷଣ ଅଘୋରି ବାବା



ଅଘୋରି ବାବା ଗ୍ରୁପ୍‌ର ନୃତ୍ୟ ପରିବେଷଣ।

ନୀଳଗିରି,୯।୧୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଶ୍ରୀଗୁଣ୍ଡିଚା ବଜାର ପୂଜା କମିଟି କାଳୀପୂଜା ଭସାଣିର ମୁଖ୍ୟ ଆକର୍ଷଣ ସାଜିଥିଲା ଅଘୋରି ବାବା। ଭସାଣି ଶୋଭାଯାତ୍ରାରେ ଅଘୋରୀ ବାବା ଗ୍ରୁପ୍‌ର ଆକର୍ଷଣୀୟ ନୃତ୍ୟରେ କମ୍ପିଲା ନୀଳଗିରି ବଡ଼ଦାଣ୍ଡର ପରିବେଶ। କେନ୍ଦ୍ରାପଡ଼ା ଜିଲାରୁ ଆସିଥିବା ୩୦ଜଣିଆ ଟିମ୍ ଏହି ଅଘୋରି ନୃତ୍ୟ ପରିବେଷଣ କରିଥିଲେ। ଭସାଣି ଉତ୍ସବ ପାଇଁ ନୀଳଗିରି ଶ୍ରୀଗୁଣ୍ଡିଚା ବଜାର ପୂଜା କମିଟି ତରଫରୁ ଏହି ଅଘୋରି ବାବାଙ୍କ ଗ୍ରୁପକୁ ନିମନ୍ତ୍ରଣ କରାଯାଇଥିଲା। ଏଥିସହିତ ଚିତାକର୍ଷକ ଧାର୍ମିକ ଅଘୋରି ନୃତ୍ୟ ବେଶ ମନୋମୁଗ୍ଧକର ହୋଇଥିବା ଦେଖିବାକୁ ମିଳିଥିଲା।

ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ନୀଳଗିରି ସହର ପରିକ୍ରମା ପରେ ମେଲାଣି ଦିଆଯାଇଥିଲା। ନୀଳଗିରି ଷ୍ଟେଟ ବ୍ୟାଙ୍କ ନିକଟ ପୋଖରୀରେ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ରହିଥିଲେ। ସୂଚନା ମୁତାବକ ନୀଳଗିରି ଶ୍ରୀଗୁଣ୍ଡିଚା ବଜାର କମିଟି ପ୍ରାୟ ୬୦ ବର୍ଷରୁ ଅଧିକ ସମୟ ଧରି ଆଜି ପର୍ଯ୍ୟନ୍ତ ମା'କାଳୀଙ୍କ ପୂଜା କରିଆସୁଛନ୍ତି।

## ପୋଖରୀରେ ବୁଡ଼ି ୨ ଶିଶୁପୁତ୍ର ମୃତ

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଶିକ୍ଷାଞ୍ଚଳ ଥାନା ଓ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଶନିବାର ପୋଖରୀରେ ବୁଡ଼ି ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଶିକ୍ଷାଞ୍ଚଳ ଥାନା ଅଧୀନ ଛଣପୁର ଗ୍ରାମର ରଣଜିତ୍ ସିଂଙ୍କର ୨ବର୍ଷର ଶିଶୁପୁତ୍ର ଖେଳୁଥିବା ବେଳେ ଅସାବଧାନତାବସତଃ ନିକଟସ୍ଥ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଦହପଡ଼ା ଅଞ୍ଚଳରେ ରକି ସିଂଙ୍କର ୧ବର୍ଷ ୩ମାସର ଶିଶୁପୁତ୍ର ଖେଳୁଥିବା ବେଳେ ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇଥିଲେ। ଶିଶୁପୁତ୍ରର ମା' ଓ ବାପା ପିଲାକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଥାନାରେ ପୃଥକ୍‌ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଦିବ୍ୟାଙ୍ଗଙ୍କୁ ମିଳିଲା ୩୬ ମାସର ରାଶନ ଚାଉଳ

ନୀଳଗିରି,୯।୧୧(ପ୍ରଶାନ୍ତ ବିଶ୍ୱାଳ)

ଦୁର୍ନୀତିର ପର୍ଦ୍ଦାଫାଶ ପରେ ଡିଲରଙ୍କ ଦ୍ୱାରା ହଡ଼ପ କରାଯାଇଥିବା ୩୬ ମାସର ରାଶନ ସାମଗ୍ରୀ ଜଣେ ଦିବ୍ୟାଙ୍ଗ ଫେରି ପାଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ସାନଟୋକିପଦା ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ୨୦୧୭ରେ ଦିବ୍ୟାଙ୍ଗ ଚିତ୍ତରଞ୍ଜନ ବେହେରା ତାଙ୍କ ଝିଅ ବାହାଘର କରିଥିଲେ। ବାହାଘର ପରେ ଝିଅ ପାଉଥିବା ମୁଣ୍ଡପିଛା ରାଶନ ସାମଗ୍ରୀକୁ ପରିବାର ସଂଲଗ୍ନ ରାଶନକାର୍ଡରୁ ବାଦ୍ ଦିଆଯାଇଥିବା କହି ନରଣପୁର ଗ୍ରାମର 'ମା ଗାୟତ୍ରୀ' ସ୍ୱୟଂ ସହାୟିକା ଗୋଷ୍ଠୀର ମିନତୀ ସାହୁ ନାମକ ଡିଲର ଚାଉଳ ଦେଉ ନ ଥିଲେ। ତେବେ ଉକ୍ତ ଡିଲରଙ୍କ ଅଧୀନରେ ଅଧିକ ସଂଖ୍ୟକ ରାଶନକାର୍ଡଧାରୀ ଥିବାରୁ ସ୍ଥାନୀୟ ଲୋକଙ୍କ ଦାବି ପରେ ଡିଲର ବଦଳା ଯାଇଥିଲା। ପଞ୍ଚାୟତର ଡାଳିମ୍ବପାଳସ୍ଥିତ ନୂତନ 'ମା ସିଂହବାହିନୀ' ମହିଳା ଗୋଷ୍ଠୀକୁ ଡିଲର ଦାୟିତ୍ୱ ହସ୍ତାନ୍ତର ପରେ ଚିତ୍ତରଞ୍ଜନଙ୍କ ଝିଅର ଚାଉଳ ହଡ଼ପ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଚିତ୍ତରଞ୍ଜନ ପୂର୍ବ ଡିଲର ମିନତୀଙ୍କୁ ଝିଅ ନାମରେ ଆସୁଥିବା ଚାଉଳ ବିଷୟରେ ପଚାରିବାରୁ ମିନତୀ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ଗାଳିଗୁଲଜ, ଧମକଚମକ ଦେବା ସହିତ ଠେଙ୍ଗାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ତଦନ୍ତ କରି ଚିତ୍ତରଞ୍ଜନଙ୍କ ରାଶନ ଚାଉଳକୁ ପୂର୍ବ ଡିଲର ଦୀର୍ଘବର୍ଷ ଧରି ଆତ୍ମସାତ କରିଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଚାଉଳକୁ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଥିଲା। ନିର୍ଦ୍ଦେଶ ଅନୁଯାୟୀ, ଡିଲର ଜଣକ ୧ କୁଇଣ୍ଟାଲ ୮୦କିଗ୍ରା ଚାଉଳ ଦିବ୍ୟାଙ୍ଗ ଚିତ୍ତରଞ୍ଜନଙ୍କୁ ଦେଇଥିବା ସୂଚନା ମିଳିଛି।

# ଗୋସୁରକ୍ଷା ସବୁ ନାଗରିକଙ୍କ କର୍ତ୍ତବ୍ୟ: ମନ୍ତ୍ରୀ

## ସୋର ଗୋଶାଳାର ଶତବାର୍ଷିକୀ ସମାରୋହ

ସୋର,୯।୧୧(ଜନ୍ମେଜୟ ମିଶ୍ର): ସୋର ଗୋଶାଳାର ଶତବାର୍ଷିକୀ ସମାରୋହର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ଅଧିବେଶନରେ ଗୋପୂଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଗୋସେବା ଓ ସୁରକ୍ଷା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ବିରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା 'ନନ୍ଦିନୀ' ଉନ୍ମୋଚିତ ହୋଇଥିଲା। ସଭାରେ ଗୋଶାଳାର ସଭାପତି ପଦ୍ମଲୋଚନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଉମ୍ବରୁଧର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଦାମୋଦର ଦାଶ ମହାପାତ୍ର ସଭାରେ ଉପସ୍ଥିତ ଥିଲେ। ସଭାରେ ଗୋପାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ହରେକୃଷ୍ଣ ଶତପଥୀ, ଅନ୍ୟତମ ଅତିଥିଭାବେ ପ୍ରବଚକ ରମେଶ ଚନ୍ଦ୍ର ମହାରଣା ଯୋଗଦେଇଥିଲେ। ଏହି ଅବସରରେ ଉଚ୍ଚପ୍ରାଥମିକ ବିଦ୍ୟାଳୟର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୁର୍ଘଟଣାରେ ପୁଅ ମୃତ, ମା' ଗୁରୁତର

ଜଳେଶ୍ୱର,୯।୧୧(ନବୀନ ସାହୁ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ କୁଣ୍ଡୁପୁରଠାରେ ଶନିବାର ସଡ଼କ ଦୁର୍ଘଟଣାରେ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଜଳେଶ୍ୱର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଗୁରୁଦାସପୁର ଗ୍ରାମର ଚକ୍ରଧର ମହାନ୍ତିଙ୍କ ପୁଅ ସୁଶାନ୍ତ। ତାଙ୍କ ମା' ଆରତୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୁଶାନ୍ତ ଏବଂ ତାଙ୍କ ମା' ଆରତୀ ବାଇକ୍ ଯୋଗେ ଡାକ୍ତରଖାନା ଯାଇ ଫେରୁଥିବା ବେଳେ ଏକ ଟାଟା ଏସିଇ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଆରତୀ ଗୁରୁତର ହୋଇଥିଲେ।

## ଶ୍ମଶାନକୁ ମୃତଦେହ ନ ଛାଡ଼ିବାରୁ ଉତ୍ତେଜନା

ଜଳେଶ୍ୱର,୯।୧୧(ରବିନାରାୟଣ ପାତ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ମହମ୍ମଦନଗରପାଟଣା ଗାଁରେ ଜଣେ ବ୍ୟକ୍ତି ନଦୀଘାଟ ଶ୍ମଶାନକୁ ମୃତଦେହ ସତ୍କାର ପାଇଁ ବାଟ ନ ଛାଡିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ହସ୍ତକ୍ଷେପ ପରେ ମୃତଦେହ ସତ୍କାର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଗଜେନ୍ଦ୍ର ସାହୁଙ୍କ ଶନିବାର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ମୃତଦେହ ସତ୍କାର ଲାଗି ସୁବର୍ଣ୍ଣରେଖା ନଦୀକୂଳ ଶ୍ମଶାନକୁ ନେଲା ବେଳେ ସେହି ଗାଁର ହିମାଂଶୁ ସାହୁ ବାଟ ଓଗାଳିଥିଲେ। ଶ୍ମଶାନକୁ ଯିବା ବାଟ ନଦୀକୂଳରେ ଥିବା ଉକ୍ତ ଜାଗାଟି ତାଙ୍କର ବୋଲି ଦାବିକରି ବାଡ଼ରେ ତାଲା ପକାଇ ଦେଇଥିଲେ। ମୃତଦେହ ନେଇ ଯାଇଥିବା ଗାଁ ଲୋକେ ଶବ ପ୍ରତି ଏହାକୁ ଅସମ୍ମାନ ଭାବେ ଗ୍ରହଣ କରି ବିରୋଧ କରିଥିଲେ। ପରେ ଜଳେଶ୍ୱର ଥାନାକୁ ଖବର ପଠାଇଥିଲେ। ପୋଲିସ ପହଞ୍ଚି ତାଲା ଖୋଲି ମୃତଦେହ ସତ୍କାରରେ ସହାୟତା କରିଥିଲା। ତେବେ ହିମାଂଶୁ ଏହି ସ୍ଥାନକୁ ଜବରଦଖଲରେ ରଖିଥିବାରୁ ଗ୍ରାମବାସୀ ଉଚ୍ଛେଦ ଦାବି କରିଛନ୍ତି।

# ବଗେଇପୁର ବିଏମ୍‌ବି ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ




ଉଦ୍‌ଘାଟନୀ ମ୍ୟାଚରେ ଅଂଶ ଗ୍ରହଣ କରିଥିବା ଖେଳାଳି।

ଖଇରା,୯।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବଗେଇପୁର ମିନିଷ୍ଟାଡିୟମରେ ୨୧ତମ ବିଏମବି ଆନ୍ତଜିଲା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚରେ ସୋର ଟିମ୍ ଠାକୁରମୁଣ୍ଡାକୁ ୧-୦ରେ ପରାସ୍ତ କରିଥିଲା। ସମିତିସଭ୍ୟା ପ୍ରିୟତମା ମୁଦୁଲି ଓ ବିଶିଷ୍ଟ ଶିଳ୍ପପତି ସୁଦାମ ଚରଣ ସ୍ୱାଇଁ ଉକ୍ତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମହିଳା ରେଫେରୀ ଆରତୀ ମହାନ୍ତି, ବିଣାପାଣି ବିରୁଆ, ସୀତା ମାରାଣ୍ଡି ତଥା ବବଲୁ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ବିଏମ୍‌ବି କ୍ଲବର ସଦସ୍ୟ ଭୀମସେନ ନାଇକ, ଶ୍ରୀକାନ୍ତ ବେହେରା, ବିଶ୍ୱନାଥ ବେହେରା, ଦୀପକ ମହାରଣା, ମହାବୀର ସିଂ ତଥା ଭାଜପା ଯୁବ ମୋର୍ଚ୍ଚାର ଜିଲା କାର୍ଯ୍ୟକାରୀ ସଭ୍ୟ ଅଜୁ ଖିଲାର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ଭୋଗରାଇ ମହିଳା, ବାଲିଆପାଳ ପୁରୁଷ ଦଳ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ପୁରୁଷ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ବାର୍ଷିକ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପରମିଟ୍ ପଡ଼ିଆଠାରେ ୨ ଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୭ଟି ମହିଳା ଏବଂ ୧୯ଟି ପୁରୁଷ ଦଳ ଅଂଶ ଗ୍ରହଣ କରିଥିଲେ। ମହିଳା ବିଭାଗରେ ଭୋଗରାଇ ଦଳ ଚାମ୍ପିୟନ ଓ ବାଲେଶ୍ୱର ଦଳ ରନର୍ସଅପ୍ ହୋଇଥିବା ବେଳେ ଏବଂ ପୁରୁଷ ବିଭାଗରେ ବାଲିଆପାଳ ଦଳ ଚାମ୍ପିୟନ ଓ ଭୋଗରାଇ ଦଳ ରନରଅପ୍ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରି ଜିଲାରେ କବାଡ଼ି ଖେଳରେ କିପରି ସାମଗ୍ରୀକ ବିକାଶ ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ବରିଷ୍ଠ ସଭ୍ୟ ସୁକାନ୍ତ କୁମାର ନାୟକ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ସହ-ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ଚିତ୍ତରଞ୍ଜନ ପାଣ୍ଡା, ଯୁଗ୍ମ ସମ୍ପାଦକ (କବାଡ଼ି) କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉପ-ସଭାପତି ଜଗଦିଶ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ଜନ୍ମେଜୟ ଦେ, ସଞ୍ଜୟ ଲେଙ୍କା, ଅଜିତ କୁମାର ପାତ୍ର, ପ୍ରଦୀପ କୁମାର ଦାସ, ଦିଲୀପ କୁମାର ଜେନା, ରବିନ୍ଦ୍ର କୁମାର ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଏହି ଖେଳରୁ ମନୋନୀତ ଖେଳାଳିମାନେ ଗଞ୍ଜାମ ଜିଲାର ଆସ୍କାଠାରେ ଆସନ୍ତା ନଭେମ୍ବର ୧୪ରୁ ୧୭ ତାରିଖରେ ହେବାକୁ ଥିବା ଆନ୍ତଃ ଜିଲା ସିନିୟର (ପୁରୁଷ ଏବଂ ମହିଳା) କବାଡ଼ି ପ୍ରତିଯୋଗିତାରେ ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ସାଧାରଣ ସମ୍ପାଦକ ଅଧୀପ ଦାସ ଜଣାଇଛନ୍ତି ।

## ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ବାରିପଦା,୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଫୁଲବାଣୀରୁ ମୟୂରଭଞ୍ଜ ଜିଲା କୁଲିଅଣାକୁ ଆସୁଥିବା ଏକ ଇନୋଭା ଗାଡିରେ ଭର୍ତ୍ତି ଗଞ୍ଜେଇକୁ ବାରିପଦା ଭଞ୍ଜପୁର ପୋଲିସ ଜବତ କରିଛି। ଗାଡ଼ିରୁ ୫୦ କି.ଗ୍ରା ୫୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କୁଲିଅଣା ଥାନା ବଡନୂଆଗାଁ ଗ୍ରାମର ଅଜୟ ନାଏକ(୩୨) ଓ କାନିଆଲୋକା ଗ୍ରାମର ପ୍ରବୀଣ ନାଥ(୩୪)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏକ ଇନୋଭା ଗାଡି (ନଂ. ଓଡି ୦୨ ସିଏଫ୍-୯୪୫୩)ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହାକୁ ନେଇ ଭଞ୍ଜପୁର ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ଥିବା ଗଞ୍ଜେଇକୁ ଜବତ କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୩୨୯/୨୪)ରୁଜୁ କରି ତଦନ୍ତ ଜାରି ରଖିଛି।

# 'ସ୍ୱେଚ୍ଛାସେବୀ ହିଁ ପ୍ରଗତିଶୀଳ ରାଷ୍ଟ୍ରର ନିର୍ମାତା'

## ଜିଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଉଦ୍‌ଘାଟିତ

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପ୍ରଯୋଜିତ ଜିଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ଡ. କଲ୍ୟାଣୀ ଦାଶ ଅତିଥି ପରିଚୟ, ଶିବିର ସଂଯୋଜକ ଅମଳ କୁମାର ରାଉଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ଭାସ୍କର ଚନ୍ଦ୍ର ବେହେରା ଯୋଗଦେଇ ଶିବିରକୁ ଉଦଘାଟନ କରି ଶୃଙ୍ଖଳିତ ସ୍ୱେଚ୍ଛାସେବୀ ପ୍ରଗତିଶୀଳ ରାଷ୍ଟ୍ରର ନିର୍ମାତା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଭଦ୍ରକ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା ପ୍ରମୁଖ ଯୋଗଦେଇ ନେତୃତ୍ୱ ବିକାଶ ଶିବିରର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଇତିହାସ, ଭୂମିକା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, କ୍ୟାରିୟର କାଉନସେଲିଂ, ସଡ଼କ ନିରାପତ୍ତା, ତମାଖୁ ବର୍ଜନ, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ଅପରାଧ, ନେତୃତ୍ୱ ବିକାଶ ଓ ପରିବେଶ ସୁରକ୍ଷା ପ୍ରଭୃତି ବିଷୟରେ ତାଲିମ ପ୍ରଦାନ ସହ ସ୍ୱଚ୍ଛତା ହିଁ ସେବା, ବୃକ୍ଷ ରୋପଣ ଓ ସଚେତନତା ଶୋଭାଯାତ୍ରା ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶିବିର ସଂଯୋଜକ ଅଧ୍ୟାପକ ରାଉଳ ସୂଚନା ଦେଇଥିଲେ।

